# ଆପଣା ସୁନା ତ ଭେଣ୍ଡି

୧୩/୦୯/୨୦୦୭

ଭାରତୀୟ କ୍ରିକେଟ ଦଳ ଚୟନରେ ଓଡ଼ିଶା ପ୍ରତି ଉପେକ୍ଷା କରାଯାଉଛି ବୋଲି କହି କଳିଙ୍ଗ ସେନାର କର୍ମୀ ଜଣକ ଭୁବନେଶ୍ୱର ବିମାନ ବନ୍ଦରରେ ଅତି ଅଶାଳୀନ ଆଚରଣ ପ୍ରଦର୍ଶନ କଲେ ତାହାକୁ ସହଜରେ ଗ୍ରହଣ କରିହେବ ନାହିଁ। ଦଳମତ ନିର୍ବିଶେଷରେ ସମସ୍ତେ ଏହି ଅଭଦ୍ର ଆଚରଣକୁ ନିନ୍ଦା କରିବା ଉଚିତ। କଳିଙ୍ଗ ସେନା ଏକ ନୂତନ ରାଜନୈତିକ ଦଳ ହିସାବରେ ନିଜକୁ ଗଢ଼ି ତୋଳିବାକୁ ଚେଷ୍ଟା କରୁଛି। ଓଡ଼ିଶାର ଉପେକ୍ଷାକୁ ନେଇ ଚିତ୍କାର କରିବା ଏବଂ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଆମ ରାଜନେତା ମାନଙ୍କର ଏକ ସହଜ କୌଶଳ ହୋଇଛି। କଳିଙ୍ଗ ସେନା ପାଇଁ ଏହାଠାରୁ ବଡ଼ ସୁଯୋଗ ଆଉ କ'ଣ ହୋଇଥାନ୍ତା? ଆଦୌ ପ୍ରଚାର ନମିଳିବା ଅପେକ୍ଷା ମନ୍ଦ ପ୍ରଚାର ଭଲ ନ୍ୟାୟରେ ଏ ସୁବର୍ଣ୍ଣ ସୁଯୋଗକୁ ବିନିଯୋଗ କରିବାରେ କଳିଙ୍ଗ ସେନା ଆଦୌ ହେଳା କରିନାହିଁ। କିନ୍ତୁ ତାଙ୍କର ଏଭଳି ଦୁର୍ଭାଗ୍ୟଜନକ ଆଚରଣ ଯୋଗୁଁ ଓଡ଼ିଶାର ଲାଭ ଅପେକ୍ଷା କ୍ଷତି ଅଧିକ ହୋଇଛି। ଅଜ୍ଞତା ସହ ତଥାକଥିତ ଦେଶପ୍ରୀତି ଯୋଡ଼ି ହୋଇଗଲେ କି ପ୍ରକାର କୁପରିଣତି ଦିଏ କଳିଙ୍ଗ ସେନାର ଆଚରଣ ତାହାର ଅନ୍ୟ ଏକ ଉଦାହରଣ। ଭାରତୀୟ କ୍ରିକେଟ ଦଳର ଚୟନ ପ୍ରକ୍ରିୟା ସମ୍ପର୍କରେ ସେ ବୋଧେ ସମ୍ପୂର୍ଣ୍ଣ ଅବଗତ ନୁହନ୍ତି। ଚୟନ କମିଟି କ୍ରିକେଟ ଦଳ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଏ। ଏଥିରେ କୋଚଙ୍କର ଭୂମିକା ଅତ୍ୟନ୍ତ ସୀମିତ। ବୋର୍ଡର ଅଧ୍ୟକ୍ଷ ମଧ୍ୟ ଏଥିରେ ସିଧାସଳଖ ହସ୍ତକ୍ଷେପ କରିବା ପାଇଁ ସଙ୍କୋଚ କରନ୍ତି। ତେଣୁ ଓଡ଼ିଶାର ଖେଳାଳିମାନଙ୍କ ଉପେକ୍ଷା ପାଇଁ ଗ୍ରେଗ୍ ଚାପେଲ୍‌ଙ୍କୁ ଦୋଷ ଦେବା ଆଦୌ ଉଚିତ ନୁହେଁ। କ୍ରିକେଟ ଖେଳ ଆଜି ଆମ ଭାରତର ଜନମାନସକୁ ଯେପରି ଜାବୁଡ଼ି ଧରିଛି ତାର ଉଦାହରଣ

## ଆମ ଘରର ହାଲଚାଲ

### ସୌମ୍ୟ ରଂଜନ ପଟ୍ଟନାୟକ

ନାହିଁ। ଧର୍ମବିଶ୍ୱାସୀ ଭାରତୀୟମାନଙ୍କ ପାଇଁ କ୍ରିକେଟ ନୂଆ ଧର୍ମ ଏବଂ ତେନ୍ଦୁଲକରଙ୍କୁ ନୂଆ ଭଗବାନ ବୋଲି ମଧ୍ୟ କହିବାକୁ କେହି ସଙ୍କୋଚ କରୁ ନାହାନ୍ତି। ସ୍ୱାଭାବିକ ଭାବରେ ନିଜ ନିଜ ଅଞ୍ଚଳର ଖେଳାଳିମାନଙ୍କ ପାଇଁ ଆମ ମନରେ ମଧ୍ୟ ଆବେଗ ରହୁଛି ଏବଂ ସେଥିପାଇଁ ବିବାଦ ମଧ୍ୟ ଉପୁଜିବା ସ୍ୱାଭାବିକ। ପ୍ରତି ନିଜ ଅଞ୍ଚଳର ଖେଳାଳିମାନଙ୍କ ପାଇଁ ଲବି ଏବଂ ଦାବି ମଧ୍ୟ ହେଉଛି। କିନ୍ତୁ ଦେବାଶିଷ ଏବଂ ଶିବସୁନ୍ଦରଙ୍କ ପାଇଁ ଯୁକ୍ତି କରିବା ପୂର୍ବରୁ ନିକଟ ଅତୀତରେ ସେମାନଙ୍କ ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନେବା ଉଚିତ। ଖରାପ ପ୍ରଦର୍ଶନ ପାଇଁ ଯେଉଁଠି ଅତୀତରେ ସାଙ୍ଗୁଲିଙ୍କୁ ବାହାର କରିଦିଆଯାଇଥିଲା, କିନ୍ତୁ ପରେ ଅଲରାଉଣ୍ଡର ହିସାବରେ ଖ୍ୟାତି ଅର୍ଜନ କରିଥିବା ଇରଫାନ୍ ପଠାନଙ୍କୁ ବସାଇ ଦିଆଗଲା, ଯେଉଁମାନଙ୍କ ପରି ନାମ ଦ୍ରାବିଡ଼ଙ୍କୁ ବାଦ ଦିଆଯାଇ ପାରୁଛି, ସେଠି ଦେବାଶିଷ ଓ ଶିବସୁନ୍ଦରଙ୍କ ପ୍ରଦର୍ଶନକୁ ଅଣଦେଖା କରି ହେବ କି? ଓଡ଼ିଶାରେ ଆହୁରି ଅନେକ ଭଲ ଖେଳାଳି ଅଛନ୍ତି। ୧୯ ବର୍ଷରୁ କମ୍ ବୟସ ଖେଳାଳିମାନଙ୍କ ମଧ୍ୟରେ ଓଡ଼ିଶାର ଖେଳାଳିମାନେ ଜାତୀୟ ସ୍ତରରେ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ଜାତୀୟ ଟିମରେ ସେମାନଙ୍କ ଭିତରୁ ଜଣେ କେହି ସ୍ଥାନ ପାଇଲେ ନାହିଁ। ଅତଏବ ପଶ୍ଚିମ ବଙ୍ଗର ଦଳଙ୍କ ପାଇଁ ତାଙ୍କର କ୍ରିକେଟ ଆସୋସିଏସନ୍ ବୁଝି ଜାଣି କଥା ଏବଂ ଚିଠି ଲେଖିଲା। ଆପଣା ସୁନା ତ ଭେଣ୍ଡି, ଆମେ କାହାକୁ କହିବା ? ଜାତୀୟ ଚୟନ କମିଟିରେ ପ୍ରଥମ ଥର ପାଇଁ ଓଡ଼ିଶାର ରଣଜିତ ବିଶ୍ୱାଳ ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାର ଯଥାର୍ଥ ଦାବିକୁ ଉପସ୍ଥାପିତ କରିବା ପାଇଁ ଏହାଠାରୁ ବଡ଼ ସୁଯୋଗ ବୋଧେ ଆଉ ମିଳିବ ନାହିଁ। କଳିଙ୍ଗ ସେନାର କେତୁମଣ୍ଡଳୀ ବିମାନ ଗ୍ରେଗ୍ ଚାପେଲଙ୍କ ଉପରେ ଧାଇଁ ନ ଯାଇ ରଣଜିତ ଭାଇଙ୍କ ପାଖରେ କେନ୍ଦ୍ରିତ ହୋଇଥିଲେ ଅଧିକ ପ୍ରାସଙ୍ଗିକ ହୋଇଥାନ୍ତା।